# କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର-୨୦୨୫ ପୁସ୍ତକ ଆହ୍ୱାନ

## ଆବେଦନର ଶେଷ ତାରିଖ ୩୧ ମେ'

ଭୁବନେଶ୍ୱର,୪।୫(ବ୍ୟୁରୋ): କେନ୍ଦ୍ର ସାହିତ୍ୟ ଏକାଡେମୀ ୨୦୨୫ ବର୍ଷର ଅନୁବାଦ ପୁରସ୍କାର ପାଇଁ ଭାରତୀୟ ଅନୁବାଦକ, ଅନୁବାଦକଙ୍କ ଶୁଭଚିନ୍ତକ ଏବଂ ପ୍ରକାଶକମାନଙ୍କଠାରୁ ସ୍ୱୀକୃତ ୨୪ଟି ଭାଷାରେ ଅନୁବାଦ ପୁସ୍ତକ ଆହ୍ୱାନ କରୁଛି । ୨୦୧୯, ୨୦୨୦, ୨୦୨୧, ୨୦୨୨ ଏବଂ ୨୦୨୩ (ଅର୍ଥାତ୍ ୧ ଜାନୁଆରୀ ୨୦୧୯ରୁ ୩୧ ଡିସେମ୍ବର ୨୦୨୩ ମଧ୍ୟରେ) ପ୍ରଥମେ ପ୍ରକାଶିତ ଅନୁବାଦ ପୁସ୍ତକଗୁଡ଼ିକୁ ଏହି ପୁରସ୍କାର ପାଇଁ ବିଚାରକୁ ନିଆଯିବ । ପ୍ରତ୍ୟେକ ବହିର ଏକ କିତା ନକଲ ସହିତ ଆବେଦନ ପତ୍ର ଜମା କରିବାର ଶେଷ ତାରିଖ ୨୦୨୫ ମେ ୩୧ ରହିଛି । ଓଡ଼ିଆ ଅନୁବାଦ ପୁସ୍ତକଗୁଡ଼ିକ କୋଲକାତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏହି ପୁରସ୍କାର ସମ୍ପର୍କିତ ବିସ୍ତୃତ ବିବରଣୀ ଜାଣିବା ପାଇଁ ସାହିତ୍ୟ ଏକାଡେମୀର ୱେବ୍‌ସାଇଟ୍ www.sahitya-akademi.gov.in ରେ ଉପଲବ୍ଧ ଅନୁବାଦ ପୁରସ୍କାର ନିୟମାବଳୀ ଦେଖିବାକୁ ଏକାଡେମୀ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଅନୁରୋଧ କରାଯାଇଛି ।